# ଶିକାର

ସେ ଅଞ୍ଚଳରେ ଘିନୁଆର ନାମବିଖ୍ୟାତ- ଶିକାରୀ ହିସାବରେ ଜଣା । ତା' ର ପ୍ରଥମ ଅସ୍ତ୍ର ନିଜର ହାତତିଆରି ଧନୁଶର । ସେ ତୀର ମାରିଲାବେଳେ ଚିତ୍‌ହୋଇ ଶୋଇପଡ଼େ, ବାଁ ପାଦଟି ଧନୁରେ ଲଗାଇ ଦେଇ କାନ ପର୍ଯ୍ୟନ୍ତ ତୀରଟି ଟାଣିନେଇ ଛାଡ଼ିଦିଏ । ମାଇଲିଏ ଦୂରରୁ ତୀରମାରି ସେ ଲାଖ ବିନ୍ଧିପାରେ । ଏଇ ଧନୁଶର ସାହାଯ୍ୟରେ ସେ ହରିଣ, ସମ୍ବର, ବାର୍‌ହା, ଭାଲୁ ମାରିଛି ଅଗଣନ; ଚିତାବାଘ ବି ମାରିଛି ଅନେକ; କିନ୍ତୁ ମହାବଳ ମାରିଛି ମୋଟେ ଦୁଇଟି । ମହାବଳ ଦୁଇଟି ମାରି ସେ ଡେପୁଟି କମିଶନରଙ୍କଠାରୁ ବେଶ୍ ପୁରସ୍କାର ପାଇଛି ମଧ୍ୟ ।

ସେଦିନ ଭୋରରୁ ସେ ଏକ ଅଦ୍ଭୁତ ଶିକାର ନେଇ ଡେପୁଟି କମିଶନରଙ୍କ ବଙ୍ଗଳା ପାଖରେ ହାଜର । ଗୋଟିଏ କାନ୍ଧରେ ତା' ର ଧନୁଟି ଝୁଲୁଛି, ହାତରେ ଦି' ତିନିଟା ତୀର, ଆଉ କାନ୍ଧରେ ଟାଙ୍ଗିଆଟି ପଡ଼ିଛି । ଘିନୁଆକୁ ଏ ବେଶରେ ଦେଖି ଅର୍ଦ୍ଦଳି ପଚାରିଲା- "କିରେ, ଆଜି କି ଶିକାର ଆଣିଚୁ ?"

ଘିନୁଆ ସଙ୍ଗେ ତା' ର ଭଲ ଜଣାଶୁଣା । ତା' ର ବକ୍‌ସିସ୍‌ର ଅଂଶୀଦାର ସେ କେତେଥର ହୋଇଛି । ଉତ୍ତରରେ ଘିନୁଆ ତା' ମଇଳା ଦାନ୍ତ ଦୁଇଧାଡ଼ି କେବଳ ଦେଖାଇଲା । ସେ ହସିଲା କି ଖେଁକିଲା ଜାଣିବାର ଉପାୟ ନାହିଁ । ପ୍ରକୃତରେ ହସ ବୋଲି ଯାହାକୁ କୁହାଯାଏ, ଘିନୁଆଠାରେ ତାହା କେହି କେବେ ଦେଖି ନାହିଁ । ବେଳେବେଳେ ସେ ଏହିପରି ଦାନ୍ତ ଦେଖାଏ । ତାହା ହସ ନୁହେଁ କି କାନ୍ଦ ନୁହେଁ- କେବଳ ଦାନ୍ତଦେଖା ।

ଅର୍ଦ୍ଦଳି ପଚାରିଲା, "କିବେ, କି ଶିକାର ଆଣିଚୁ ?" ଘିନୁଆ ତାହାର ଗାମୁଛାରେ ବନ୍ଧା ହୋଇଥିବା ଗୋଟିଏ ପଦାର୍ଥକୁ ଦେଖାଇ କହିଲା ଯେ, ସେ ଆଜି ଏକ ମସ୍ତ ଜାନୁଆର ଶିକାର କରିଛି ।

ଅର୍ଦ୍ଦଳି ପଚାରିଲା, 'ବାଘ' ?
ଘିନୁଆ ମୁଣ୍ଡହଲାଇ ନାହିଁ ଜଣାଇଲା ।
"ତେବେ କ' ଣ, ଚିତା... ଭାଲୁ... ବାରହା... ?"
ଘିନୁଆ କେବଳ ମୁଣ୍ଡ ହଲାଇଗଲା ।
"ଆଉ ତେବେ କଅଣ ବେ ?"

ଗୋଳମାଳ ଶୁଣି ସାହେବ ବଙ୍ଗଳା ଭିତରୁ ବାହାରି ଆସିଲେ । ଘିନୁଆ ମୁଣ୍ଡିଆ ମାରି ସାହେବଙ୍କୁ ସେହିପରି ଦାନ୍ତ ଦେଖାଇଲା । ସାହେବ ଶିକାରର ଚେହେରା ଦେଖିବାକୁ ଔତ୍ସୁକ୍ୟ ପ୍ରକାଶ କରିବାରୁ ଘିନୁଆ ଗାମୁଛା ଭିତରୁ ବାହାରକରି ସାହେବଙ୍କ ପାଦ ତଳେ ଥୋଇଲା ଗୋଟିଏ ସଜକଟା ମଣିଷମୁଣ୍ଡ । ସାହେବ ଚମକି ପଡ଼ି ପାହୁଣ୍ଡେ ଦୁଇ ପାହୁଣ୍ଡେ ପଛେଇଗଲେ । ଘିନୁଆ ହାତ ବଢ଼ାଇ ମାଗିଲା, "ସାହେବ, ବକ୍‌ସିସ୍ ।" କିଛିକ୍ଷଣ ପରେ ମନକୁ ସମ୍ଭାଳି ନେଇ ସାହେବ ଘିନୁଆକୁ ବକ୍‌ସିସ୍ ପାଇଁ ଅପେକ୍ଷା କରିବାକୁ ଇସାରା କଲେ ଏବଂ ଭିତରକୁ ଯାଇ ଫୋନ୍‌ଦ୍ୱାରା ସଶସ୍ତ୍ର ପୋଲିସ୍ ଫୌଜ ଡକାଇଲେ । ଏହା ବ୍ୟତୀତ ଘିନୁଆକୁ ଜବତ୍ କରିବାର ଉପାୟ ନାହିଁ । ଦେହରେ ତା' ର ଗୋଟାଏ ଅସୁରର ବଳ । ହାତରେ ପୁଣି ତା' ର ଧନୁଶର ଓ ଟାଙ୍ଗିଆ ରହିଛି ।

ଯେତେବେଳେ ହାତକଡ଼ି ଗୋଡ଼କଡ଼ି ପିନ୍ଧି ଘିନୁଆକୁ ହାଜତରେ ରହିବାକୁ ହେଲା, ସେ କିଛି ବୁଝିପାରିଲା ନାହିଁ । ତାକୁ ଏପରି ଭାବରେ ଅଟକାଇ ରଖିବାର ମତଲବ କଅଣ ? ସୁବିଧା ପାଇଲେ ସେ କାହାରି କାହାରିକି ଏ ବିଷୟରେ

ପଚାରେ । କିଏ କହେ ତା' ର ଫାଶୀ ହେବ, କିଏ କହେ ସେ ଯିବ କଳାପାଣି । କାହିିଁକି ? ସେ ଏମିତି କି ଅପରାଧ କରିଛି କି ? କିଛି ବୁଝି ନ ପାରି ସେମାନଙ୍କ କଥାକୁ ସେ ବିଶ୍ୱାସ କରିପାରେ ନାହିଁ । ଶେଷରେ ଦିନେ ଡେପୁଟି କମିଶନର ପରିଦର୍ଶନ କରିବାକୁ ଆସିଥିଲେ । ସେ ତାଙ୍କୁ ହିଁ ସବୁ ହାଲ ପଚାରିଲା । ସେ କହିଲେ ଯେ, ପୂର୍ବରୁ ସେ ବାଘ, ଭାଲୁ ମାରୁଥିଲା ବୋଲି ସଙ୍ଗେ ସଙ୍ଗେ ବକ୍‌ସିସ୍ ପାଉଥିଲା । ଏବେ ମାରିଛି ମଣିଷ । ଏଥର କି ବକ୍‌ସିସ୍ ପାଇବ ତାହା ପାଞ୍ଚ, ଛ' ଜଣ ତ ଫେର୍ ବୁଝିବିଚାରି ଠିକ୍ କରିବେ । ଏହି କଥାଟା ହିଁ ଘିନୁଆ ମନକୁ ମାନିଲା ।

ଯେଉଁଦିନ ତା' ର ବିଚାର ହେଲା, ଘିନୁଆ ମନେ ମନେ ଭାବିଲା, ସେଦିନ ତାକୁ ବକ୍‌ସିସ୍ ମିଳିବ । ସେ ଉତ୍ସାହିତ ହୋଇ ଜଜ୍‌ଙ୍କ ଆଗରେ ସବୁ ବିବରଣ କହିବାକୁ ଲାଗିଲା । ସେ ଯେ ଗୋବିନ୍ଦ ସରଦାରକୁ ହାଣିଲା ସେଥିପାଇଁ ତାକୁ କମ୍ କଷ୍ଟ କରିବାକୁ ପଡ଼ିନାହିଁ । ଆଉ ଅନେକ ଲୋକ ତାକୁ ମାରିବାକୁ ଛକି ଥିଲେ; କିନ୍ତୁ କେହି ପାରି ନ ଥିଲେ । ଗୋବିନ୍ଦ ସରଦାର, ଯିଏ ସବୁବେଳେ ମଟରରେ ଯିବାଆସିବା କରେ । ସେ ତା' ର ଧନସମ୍ପତ୍ତି କମେଇଛି ଅନ୍ୟ ସମସ୍ତଙ୍କୁ ଲୁଟି କରି । ବଡ଼ ସଇତାନ ଲୋକ ଥିଲା ସେ । କେତେ ଲୋକଙ୍କୁ ସେ ମାରିଛି, କେତେ ଲୋକଙ୍କୁ ଉଚ୍ଛନ୍ନ କରିଛି, କେତେ ସ୍ତ୍ରୀଲୋକଙ୍କର ଇଜ୍ଜତ ନେଇଛି, ତାହାର ଠିକଣା ନାହିଁ । ଘିନୁଆର ସବୁ ଜମିବାଡ଼ି ମଧ୍ୟ ନେଇ ନିଜର କରିଛି । ସେଦିନ ସନ୍ଧ୍ୟାରେ ଘିନୁଆର ସ୍ତ୍ରୀ ଉପରେ ଅତ୍ୟାଚାର କରିବାକୁ ବସିଥିଲା । ଏତେବଡ଼ ବହପ ! ଘିନୁଆକୁ ଦେଖି ମଟରରେ ପଳାଉଥିଲା । ତା' ହାବୁଡ଼ରୁ ଖସି ଚାଲିଯିବ! ତା' ର ମଟର ଚକକୁ ତୀର ମାରି ଘିନୁଆ ମଟରକୁ ଅଚଳ କରିଥିଲା । ତା' ପରେ ଟାଙ୍ଗିଆରେ ତା' ର ମୁଣ୍ଡଟି କାଟିଦେଇ ସିଧା ଦୌଡ଼ିଲା, ରାତାରାତି ବଣଜଙ୍ଗଲ ଭିତର ଦେଇ । ତିରିଶ ମାଇଲ ରାସ୍ତା ଏକା ନିଶ୍ୱାସକେ ଦୌଡ଼ି ସେ ଡେପୁଟି କମିଶନରଙ୍କ ବଙ୍ଗଳା ପାଖରେ ହାଜର ହେଲା ।

ଗୋବିନ୍ଦ ସରଦାର ସାମାନ୍ୟ ଲୋକ ନୁହେଁ । ହାତରେ ତା' ର ଥାଏ ସବୁବେଳେ ବନ୍ଧୁକ । ବାଘଭାଲୁଙ୍କ ଅପେକ୍ଷା ଲୋକେ ତାକୁ ବେଶୀ ଭୟ କରନ୍ତି । ବାଘ-ଭାଲୁଙ୍କ ଅପେକ୍ଷା ସେ ଲୋକଙ୍କର କ୍ଷତି କରେ ଢେର୍ ବେଶୀ । ତାକୁ ମାରିବା ପାଇଁ ଘିନୁଆ କମ୍ ସାହସ ଓ ବିଚକ୍ଷଣତା ଖର୍ଚ୍ଚ କରିନାହିଁ । କିଛି ବର୍ଷ ତଳେ ମେଳିଆ ଝପଟ ସିଂର ମୁଣ୍ଡ କାଟିଥିବାରୁ ସାହେବ ଡୋରାକୁ ପାଁଶ ଟଙ୍କା ବକ୍‌ସିସ୍ ଦେଇଥିଲେ । ଝପଟ ସିଂ ତ ଏକ ରକମର ଭଲ ଲୋକ ଥିଲା । ସେ ସ୍ତ୍ରୀଲୋକଙ୍କ ଇଜ୍ଜତ ନେଇ ନାହିଁ କି କାହାରି ଜମିବାଡ଼ି ଦଖଲ କରି ନାହିଁ । ସେ କେବଳ ଖଜଣାଖାନା ଲୁଟି କରିଥିଲା, ଆଉ କେତେଜଣ ସିପାହିଙ୍କୁ ମାରିଥିଲା । ଗୋବିନ୍ଦ ସରଦାର କିନ୍ତୁ ବଡ଼ ଭୟଙ୍କର ଲୋକ । ତାକୁ ମାରିଥିବାରୁ ଘିନୁଆକୁ ଅଧିକ ବକ୍‌ସିସ୍ ମିଳିବା ଉଚିତ ।

ଘିନୁଆର ଗଳ୍ପ ଶୁଣି ସମସ୍ତେ ହୋ-ହୋ ହୋଇ ହସିଉଠିଲେ । ଜଜ୍‌ସାହେବ ହସି ହସି କହିଲେ, "ହଁ, ଉପଯୁକ୍ତ ବକ୍‌ସିସ୍ ଦିଆଯିବ ।" ସରକାରୀ ଓକିଲ କହିଲେ, "ତତେ ଏଠାକୁ ଖାସ୍ ଅଣା ହୋଇଛି ବକ୍‌ସିସ୍ ଦିଆଯିବା ଲାଗି ।"

ଘିନୁଆ ଏହାକୁ ପରିହାସ ନ ମଣି ସତ ବୋଲି ମନେ କଲା । କାରଣ ହସକୌତୁକ, ଥଟ୍ଟାପରିହାସ ସେ ଜାଣେ ନାହିଁ । ତା' ର ଯେ ନିତାନ୍ତ ନିପଟ ରସଶୂନ୍ୟ ପ୍ରକୃତି । ଶେଷରେ ରାୟ ଦିଆଗଲା-ପ୍ରାଣଦଣ୍ଡ । ଘିନୁଆ ଏହାର କୌଣସି ଅର୍ଥ ବୁଝିଲା ନାହିଁ । ପୁଣି ଜେଲ୍‌କୁ ଫେରାଇ ତାକୁ ବୁଝାଇ ଦିଆଗଲା ଯେ, ତା' ର ବକ୍‌ସିସ୍ ପାଇବାର ଦିନ ଆସୁଛି ।

ଘିନୁଆ ସେ ପର୍ଯ୍ୟନ୍ତ ବୁଝିଲା ନାହିଁ ଯେ, ସେ ଜଣେ ଅପରାଧୀ ଓ ସେଥିଲାଗି ତାକୁ ପ୍ରାଣଦଣ୍ଡ ଆଦେଶ ହୋଇଛି । ଝପଟ ସିଂକୁ ମାରିବା ଓ ଗୋବିନ୍ଦ ସରଦାରଙ୍କୁ ମାରିବା ଯେ ଏକା କଥା ନୁହେଁ, ତାହା ସେ ବୁଝିବ କାହୁଁ? ସେ ଜାଣିଲା ନାହିଁ ଯେ, ଗୋଟିଏ ଗୌରବର ବିଷୟ, ଅନ୍ୟଟି ଦୋଷାବହ ! ଆଇନର ସୂକ୍ଷ୍ମ ଜାଲ ଭିତରେ ପଶିବାକୁ ତା' ର ମୁଣ୍ଡ ନାହିଁ । ସେ ଯେ ବଣୁଆ ସାନ୍ତାଳ !

ସେ ମନେମନେ ଭାବେ, ଡୋରା ପାଁଶ ଟଙ୍କା ପାଇଛି ଝପଟ ସିଂକୁ ମାରି । ସେଥିରୁ ବେଶୀ ନ ଦେଲେ କାହିଁକି ନେବ ? ସବୁ ଫେରାଇଦେଇ କହିବ, “କିଛି ନ ଦିଅ ପଛେ ସାହେବ, ଡୋରାଠାରୁ ବେଶୀ ପାଇବା ମୋର ହକ୍ ।” ଜେଲ୍‌ର ଅନ୍ଧାରିଆ ନିର୍ଜନ ଗୁମ୍ଫାରେ ରହି ସେ କେତେ କ’ ଣ ଭାବେ । କଥାବାର୍ତ୍ତା କରିବାକୁ ସେ କାହାରିକି ଦେଖେ ନାହିଁ । କଥାବାର୍ତ୍ତା କରିବାକୁ ବି ତା’ ର ଆଗ୍ରହ ନ ଥାଏ । କେବଳ ବକ୍‌ସିସ୍ ପାଇ ଘରକୁ ଫେରିବାକୁ ତା’ ର ମନ ଛଟପଟ ହେଉଥାଏ ।

ଶେଷରେ ତା’ ର ଫାଶୀର ଦିନ ଆସିଲା । ତାକୁ ପଚରାଗଲା, ତା’ ର ଶେଷରେ କ’ ଣ ଦରକାର । ସେ କହିଲା, “ମୋର ବକ୍‌ସିସ୍ ।” “ଆଚ୍ଛା, ବକ୍‌ସିସ୍ ପାଇବୁ ଆ” କହି ତାକୁ ନେଇଗଲେ ।

ମୁଣ୍ଡରେ ତା’ ର ଗୋଟିଏ କଳାକନାର ଖୋଳ ପିନ୍ଧାଇ ଦିଆଗଲା । ଘିନୁଆ ମନେ ମନେ ବିଚାରିଲା–ଆଖିରେ ଅନ୍ଧ ପୋଟଳି ଦେଇ ହାତରେ ତା’ ର ସୁନା, ରୁପାଢାଳି ଦିଆଯିବ । ସରକାର ଘରର କେତେ ଫନ୍ଦିଫିକର, କାଇଦାକଟକଣା ଅଛି । ଖାଲି ସିମିତି କ’ ଣ ବକ୍‌ସିସ୍ ଦିଆଯିବ ? ସେ ଘରକୁ ଫେରି ସବୁ ଦେଖାଇବ । କି ଖୁସି ହେବ ସ୍ତ୍ରୀ ତା’ ର ସେସବୁ ଦେଖି ! ଭଲ ଘରଦ୍ୱାର କରି, ଜମିବାଡ଼ି ଚଷି ସେ ସୁଖରେ ରହିବ । ଆଉ ତ ଗୋବିନ୍ଦ ସରଦାର ନାହିଁ ଯେ, ସବୁ ଲୁଟିକରି ନେବ ।

ହଠାତ୍ କ’ ଣ ଗୋଟାଏ ଆସି ତା’ ବେକରେ ବାଜିଲା ।